ରିପୋର୍ଟଯୋଗ୍ୟ

# ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ

ସିଭିଲ୍ ଆବେଦନ ଅଧିକାରିତା
ସିଭିଲ୍ ଅପିଲ୍ ନଂ – ୮୯୩/୨୦୨୦
ଏସ୍.ଏଲ୍.ପି. (ସିଭିଲ୍) ନଂ – ୩୧୪୮/୨୦୨୦ରୁ ଉଦ୍ଭୂତ
ଡାଇରୀ ନଂ – ୮୨୦୦/୨୦୧୯ ରୁ

ଓଡିଶା ରାଜ୍ୟ ସରକାର ଏବଂ ଓଗେର...................... ଅପିଲ୍‌କାରୀ
ବନାମ
ଗୋବିନ୍ଦ ବେହେରା.................................. ପ୍ରତିବାଦୀ

ରାୟ
ଡ଼ଃ ଧନଞ୍ଜୟ୍ ୱାଇ ଚନ୍ଦ୍ରଚୂଡ଼, ନ୍ୟାୟାଧୀଶ

୧।  ବିଳମ୍ବ କ୍ଷମା ଦିଆଗଲା ।

୨।  ଲିଭ୍‌ଟି ମଞ୍ଜୁର କରାଗଲା ।

୩।  ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ପ୍ରଭାଗ ବିଚାରପୀଠ (ଡ଼ିଭିଜନ୍ ବେଞ୍ଚ୍) ର ତା ୨୯.୦୩.୨୦୧୮ ରିଖର ରାୟ ତଥା ଆଦେଶନାମାରୁ ଏହି ଅପିଲ୍‌ର ଉତ୍ପତ୍ତି ।

୪।  ପ୍ରତିବାଦୀ ତା ୨୯.୧୦.୨୦୧୧ ରିଖରେ ଓଡ଼ିଶା ରାଜ୍ୟ ପୋଲିସ୍‌ର ଷଷ୍ଠ ଆଇ.ଆର୍. ବାଟାଲିୟନ୍ ଖୋର୍ଦ୍ଧାରେ କନେଷ୍ଟବଲ ପଦ ନିଯୁକ୍ତି ପାଇଁ ଆବେଦନ କରିଥିଲା । ଏକ ପ୍ରଶ୍ନର ଉତ୍ତରରେ ପ୍ରତିବାଦୀ ତା ଆବେଦନ ପତ୍ରରେ ନିର୍ଦ୍ଦିଷ୍ଟ ଭାବରେ ବ୍ୟକ୍ତ କରିଥିଲା

ଯେ ସେ କୌଣସି ଅପରାଧିକ ମାମଲାରେ ସଂପୃକ୍ତ ନୁହେଁ। ତା୧୪.୧୨.୨୦୧୧ ରିଖରେ ସେ ନିଯୁକ୍ତି ପାଇଥିଲା। ତାକୁ ଓଡ଼ିଶା ପୋଲିସ୍ ନିୟମାବଳୀର ନିୟମ ୬୭୩ ସତ୍ତାନୁସାରେ ଏକ ଯାଞ୍ଚ କାଗଜ (ଭେରିଫିକେସନ୍ ରୋଲ୍) ପୂରଣ କରିବାକୁ ଦିଆଯାଇଥିଲା। ତା୨୨ ମେ ୨୦୧୨ ରିଖରେ ପୁରୀ ପୋଲିସ୍ ଅଧୀକ୍ଷକ (ସୁପରିନ୍‌ଟେଣ୍ଡେଣ୍ଟ୍) ସେନାନାୟକ (କମାଣ୍ଡାଣ୍ଟ୍) ଙ୍କୁ ଜଣାଇଲେ ଯେ, ପ୍ରତିବାଦୀର ଚରିତ୍ର ଓ ପୂର୍ବ କାର୍ଯ୍ୟକଳାପ ଯାଞ୍ଚ ପ୍ରକ୍ରିୟା ସମୟରେ ତା ନାମରେ ଭାରତୀୟ ଦଣ୍ଡ ସଂହିତା, ୧୮୬୦ (ଆଇ.ପି.ସି. ୧୮୬୦)[୧] ଅନ୍ତର୍ଗତ ଧାରା ୨୯୪। ୩୨୩। ୩୨୪। ୩୨୬। ୩୩୬। ୩୩୭। ୪୨୭। ୩୭୯। ୫୦୬। ୩୪ ଅଧିନରେ ବଲଙ୍ଗା ଥାନା ମାମଲା (ବଲଙ୍ଗା ପି.ଏସ୍. କେଶ୍) ନଂ ୪୬/୨୦୦୯ ଦାଖଲ ଥିବାର ଜଣାଗଲା। କନେଷ୍ଟବଳ ପଦ ନିଯୁକ୍ତି ଆବେଦନପତ୍ରରେ ଓ ଯାଞ୍ଚ କାଗଜ (ଭେରିଫିକେସନ୍ ରୋଲ୍) ରେ ମିଥ୍ୟା ବିବୃତି ଦାଖଲ କରିଥିବା ଯୋଗୁଁ ତା ୬ ଜୁଲାଇ ୨୦୧୨ ରିଖରେ ପ୍ରତିବାଦୀଙ୍କୁ କୈଫିୟତ୍/ସ୍ୱଷ୍ଟୀକରଣ ମଗାଗଲା। ତା ୨୬ ଜୁଲାଇ ରିଖ ଦିନ ପ୍ରତିବାଦୀଙ୍କୁ କାର୍ଯ୍ୟାନ୍ତର/ବହିଷ୍କାର କରାଯିବାରୁ ସେ ଓଡ଼ିଶ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରାବ୍ୟୁନାଲ୍[୨] (ଓଡ଼ିଶା ପ୍ରଶାସନି ନ୍ୟାୟାଧିକରଣ) ଙ୍କ ପାଖରେ ଏକ ମୋକଦ୍ଦମା (ପ୍ରୋସିଡ଼ିଙ୍ଗ୍) ଦାଖଲ କଲେ। ମାନ୍ୟବର ଟ୍ରାବ୍ୟୁନାଲ ଏହି କାରଣ ଦର୍ଶାଇ ଓରିଜିନାଲ୍ ଆପ୍ଲିକେସନ୍[୩] (ଓ.ଏ.) କୁ ବରଖାସ୍ତ କରିଦେଲେ ଯେ ପ୍ରତିବାଦୀ ଏକ ମିଥ୍ୟା ସତ୍ୟପାଠ ଦେଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିଜ ଆଦେଶ/ରାୟ (ଇମ୍ପ୍ୟୁନ୍‌ଡ୍ ଜଜମେଣ୍ଟ୍) ବଳରେ ଟ୍ରାବ୍ୟୁନାଲର ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ। ଉଚ୍ଚ ନ୍ୟାୟାଳୟ, ଏହି ନ୍ୟାୟାଳୟ ଦ୍ୱାରା ବିଚାର କରି ଅବତାର ସିଂ ବନାମ ୟୁନିୟନ୍ ଅଫ୍ ଇଣ୍ଡିଆ[୪]

(କେନ୍ଦ୍ର ସରକାର) (ଅବତାର ସିଂ) ମାମଲାରେ ଦିଆଯାଇଥିବା ରାୟ ଆଧାରରେ ଏପରି କଲେ । ଉଚ୍ଚ ନ୍ୟାୟାଳୟଙ୍କ ମତରେ ଟ୍ରାବ୍ୟୁନାଲ୍ ଅପରାଧିକ ପ୍ରକ୍ରିୟା (କ୍ରିମିନାଲ୍ ପ୍ରୋସିଡ଼ିଙ୍ଗ୍) ର ବନ୍ଦ ହୋଇଯିବା ବିଷୟକୁ ଅଣଦେଖା କରିଛି ଓ ପରିସ୍ଥତିର ଦମନ ଏକ କୌଶଳ ଓ ତୁଚ୍ଛ ପ୍ରକୃତିର ଥିଲା । ପ୍ରତିବାଦୀଙ୍କୁ ତାଙ୍କ ପୂର୍ବ ପଦରେ ପୁନଃନିଯୁକ୍ତି ଦେଇ ତାଙ୍କୁ ତାଙ୍କ ସେବାର ଫଳାଫଳ ତଥା ଆର୍ଥିକ ଲାଭ ମଞ୍ଜୁର କରି ବିଚାର କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶଦେଲେ ।

୫. ଉଭୟ ଅପିଅକାରୀ ଓ ପ୍ରତିବାଦୀଙ୍କ ଓକିଲମାନଙ୍କୁ ଶୁଣିଲା ପରେ ନ୍ୟାୟାଳୟର ଦୃଷ୍ଟିକୁ ଘଟଣାର ବାସ୍ତବିକତା/ପ୍ରକୃତସ୍ଥିତି ଆସିଛି ଯେ ଅପରାଧିକ ମାମଲାର ଏତଲା (ଏଫ୍.ଆଇ.ଆର୍) ତା ୧୬.୦୬.୨୦୦୯ ରେ ଦିଆଯାଇଥିଲା । ପ୍ରତିବାଦୀ ଜେ.ଏମ୍.ଏଫ୍.ସି. ଙ୍କ ସମ୍ମୁଖରେ ଆତ୍ମ ସମର୍ପଣ କରିଥିଲା ଏବଂ ଜାମିନ୍ ଆବେଦନ ନଂ ୧୦୨୪୬/୨୦୦୯ ରେ ଦିଆଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ତା୨୮ ଜୁଲାଇ ୨୦୦୯ ରିଖ ଆଦେଶନାମା ବଳରେ ଖଲାସ ହୋଇଥିଲେ ।

୧- "ଆଇ.ପି.ସି."

୨- "ଟ୍ରାବ୍ୟୁନାଲ"

୩- "ଓ.ଏ"

୪- (୨୦୧୬) ୮ ଏସ୍.ସି.ସି. ୪୭୧

ଏହାର ପରବର୍ତ୍ତୀ କାଳରେ ପ୍ରତିବାଦୀ ତା ୨୯ ଅକ୍ଟୋବର ୨୦୧୧ ରିଖରେ କନେଷ୍ଟବଳ ପଦ ପାଇଁ ଆବେଦନ କରିଥିଲେ ଏବଂ ତା୧୪ ଡ଼ିସେମ୍ବର ୨୦୧୧ ରିଖ ଦିନ ନିଯୁକ୍ତ ହୋଇଥିଲେ । ପ୍ରତିବାଦୀ ଦଣ୍ଡ ପ୍ରକ୍ରିୟା ସଂହିତା, ୧୯୭୩ (କୋଡ଼୍ ଅଫ୍

କ୍ରିମିନାଲ ପ୍ରୋସିଡ଼ିୟର୍, ୧୯୭୩) ଅନ୍ତର୍ଗତ ଧାରା ୪୮୨ ଅନୁଯାୟୀ ଉକ୍ତ ଅପରାଧିକ ପ୍ରକ୍ରିୟା (କ୍ରିମିନାଲ ପ୍ରୋସିଡ଼ିଙ୍ଗ୍) କୁ ଖାରଜ କରିବା ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଦୁଇପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣାକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ତା୨୨ ନଭେମ୍ବର ୨୦୧୩ ରିଖ ଦିନ ଦେଇଥିବା ଆଦେଶ ବଳରେ ଉକ୍ତ ଅପରାଧିକ ପ୍ରକ୍ରିୟା (କ୍ରିମିନାଲ୍ ପ୍ରୋସିଡ଼ିଙ୍ଗ୍) କୁ ଖାରଜ (କ୍ୱାସ୍ଡ୍) କରିଥିଲେ। ଏହା ତା ୨୬ ଜୁଲାଇ ୨୦୧୨ ର କାର୍ଯ୍ୟାନ୍ତର/କାର୍ଯ୍ୟରୁ ବହିଷ୍କାର ଆଦେଶ ପରେ ହୋଇଥିଲା।

୬. ଅବତାର ସିଂ ମାମଲାର ଏକ ତିନି ଜଣିଆ ବିଚାରପତି ମଣ୍ଡଳୀଙ୍କ ନିଷ୍ପତ୍ତି/ସିଦ୍ଧାନ୍ତରେ ଆଇନ୍‌ର ସ୍ଥିତିକୁ ଏହି ନ୍ୟାୟାଳୟ ବିଚାର କରିଛି। ସିଦ୍ଧାନ୍ତର ସାରାଂଶ ନିମ୍ନଲିଖିତ ନିର୍ବାହରେ ଅନ୍ତର୍ଭୁକ୍ତ କରାଯାଇଛି।

୩୮.୧ ସେବାରେ ନିୟୋଜିତ ହେବା ପୂର୍ବରୁ ବା ପରେ ଯଦି ପ୍ରାର୍ଥୀ କୌଣସି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥାଏ ବା ନିର୍ଦ୍ଦୋଷରେ ଖଲାସ ହୋଇଥାଏ ବା ତାର କୌଣସି ଅପରାଧିକ ମାମଲା ବିଚାରଧିନ ଥାଏ, ତେବେ ସେ ସମ୍ବନ୍ଧରେ ସମସ୍ତ ସଠିକ୍ ତଥ୍ୟ ବିନା ଲୁଚାଇ ତାର ନିଯୁକ୍ତିଦାତାଙ୍କୁ ଜଣାଇଦେବା ଉଚିତ୍। ଆବଶ୍ୟକୀୟ ତଥ୍ୟକୁ ଲୁଚାଇବା ଅଥବା ତଥ୍ୟ ସଂପର୍କରେ ମିଥ୍ୟା ବିବୃତି ଦେବା ଆଦୌ ଉଚିତ୍ ନୁହେଁ।

୩୮.୨ ମିଥ୍ୟା ତଥ୍ୟ ଦାଖଲ କରାଯାଇଥିବା କାରଣରୁ ନିଯୁକ୍ତିଦାତା କାର୍ଯ୍ୟ ବହିଷ୍କାର ଆଦେଶ ବା ପ୍ରାର୍ଥୀତ୍ୱ ପତ୍ରକୁ ନାକଚ କରିବାକୁ ଆଦେଶ ଦେବାବେଳେ ମିଥ୍ୟା ତଥ୍ୟ ଦାଖଲ ହୋଇଥିବା ବିଶେଷ ପରିସ୍ଥିତିକୁ ଧ୍ୟାନରେ ରଖିପାରନ୍ତି।

୩୮.୩ ନିଯୁକ୍ତିଦାତା କୌଣସି ନିଷ୍ପତ୍ତି ନେବା ସମୟରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆଦେଶ/ନିୟମାବଳୀ ଇତ୍ୟାଦି ବିଚାର ପରିସରକୁ ନେବେ।

୩୮.୪ ଯଦି ଆବେଦନ ପତ୍ର ଦାଖଲ ବା ଯାଞ୍ଚ ସମୟ ପୂର୍ବରୁ ପ୍ରାର୍ଥୀର କୌଣସି ଅପରାଧିକ ମାମଲାରେ ସଂପୃକ୍ତ ହୋଇ ଦୋଷୀ ସାବ୍ୟସ୍ତ ହେବା ବା ନିର୍ଦ୍ଦୋଷରେ ଖଲାସ ହେବା ସମ୍ବନ୍ଧରେ କୌଣସି ତଥ୍ୟ ଲୁଚାଯାଇଛି ବା ଏ ସମ୍ପର୍କରେ ମିଥ୍ୟା ସୂଚନା ଦିଆଯାଇଛି ତେବେ ପରବର୍ତ୍ତୀ କାଳରେ ଘଟଣାଟି ନିଯୁକ୍ତିଦାତାଙ୍କ ଦୃଷ୍ଟିକୁ ଆସିଲେ ନିମ୍ନଲିଖିତ ଉତ୍ସଗୁଡ଼ିକ ମଧ୍ୟରୁ ଯେ କୌଣସି ଉପଯୁକ୍ତ ଉତ୍ସକୁ ମାମଲାର ବିଚାର ଉଦ୍ଦେଶ୍ୟ ଅବଲମ୍ବନ କରାଯାଇପାରେ।

୩୮.୪.୧ କୌଣସି ତୁଚ୍ଛ ବା ସାମାନ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କ୍ଷେତ୍ରରେ, ଯେପରିକି ଯୁବା କାଳରେ ସ୍ଲୋଗାନ୍ ଦେବା, ବା କୌଣସି ମାମୁଲି ଅପରାଧ ଯାହା କି ପଦାରେ/ଦୃଷ୍ଟିରେ ଆସିଲେ ସଂପୃକ୍ତ ପଦର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ ନାହିଁ, ଏପରି ଲୁଚା ଯାଇଥିବା ଛୋଟ ଘଟଣା ବା ଦିଆଯାଇଥିବା ଭୁଲ୍ ସୁଚନାକୁ ଉପେକ୍ଷା କରି ନିଯୁକ୍ତିଦାତା ତାଙ୍କ କ୍ଷମତାବଳରେ ଏହି ସାମାନ୍ୟ ତ୍ରୁଟି ବା ଦୋଷକୁ କ୍ଷମା କରିପାରିବେ।

୩୮.୪.୨ କୌଣସି ସାମାନ୍ୟ ଘଟଣା ହୋଇ ନ ଥିବା ମାମଲାରେ ଦୋଷ ସାବ୍ୟସ୍ତ ହୋଇଥିବା କ୍ଷେତ୍ରରେ ନିଯୁକ୍ତିଦାତା ପ୍ରାର୍ଥୀତ୍ୱ ପତ୍ରକୁ ନାକଚ କରିପାରିବେ ବା କର୍ମଚାରୀକୁ କାର୍ଯ୍ୟରୁ ବହିଷ୍କାର କରିଦେଇ ପାରିବେ।

୩୮.୪.୩ କୌଣସି ନୈତିକତା ଅସ୍ଥିରତାପୂର୍ଣ୍ଣ ସାଂଘାତିକ ଅପରାଧରେ ସଂପୃକ୍ତ ହୋଇ ଆଇନ୍ କୌଶଳ ପ୍ରୟୋଗ କରି ନିର୍ଦ୍ଦୋଷରେ ଖଲାସ ହୋଇଥିବା ବା ମାମଲାଟି

ସଂପୂର୍ଣ୍ଣଭାବେ ସ୍ୱଚ୍ଛ ନିର୍ଦ୍ଦୋଷ ହୋଇ ନ ଥିବା ବା ଉପଯୁକ୍ତ ପ୍ରମାଣ ଅଭାବରେ ବ୍ୟକ୍ତି ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା କ୍ଷେତ୍ରରେ ନିଯୁକ୍ତି ଦାତା ପୂର୍ବ ଉପଲବ୍ଧ ସମସ୍ତ ତଥ୍ୟର ସୂକ୍ଷ୍ମାତିସୂକ୍ଷ୍ମ ସତ୍ୟାସତ୍ୟ ବିଚାର କରି କର୍ମଚାରୀର କର୍ମର ଧାରାବାହିକତା/ନିରବଚ୍ଛିନ୍ନତା ବିଷୟରେ ସଠିକ୍ ନିଷ୍ପତ୍ତି ନେବେ।

୩୮.୫ କୌଣସି କର୍ମଚାରୀ କୌଣସି ପୂର୍ବ ଘଟିତ ଅପରାଧିକ ମାମଲାରେ ତାର ସଂପୃକ୍ତି ଥିବା ବିଷୟରେ ଓ ସେହି ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ସମ୍ବନ୍ଧରେ ସବୁ ସତସତ ଉଲ୍ଲେଖ କରିଦେଇଥିଲେ ମଧ ପୂର୍ବ ଉପଲବ୍ଧ ସମସ୍ତ ତଥ୍ୟର ସତ୍ୟାସତ୍ୟ ବିଶ୍ଳେଷଣ କରି ନିଯୁକ୍ତିଦାତାଙ୍କର ନିଯୁକ୍ତି ଦେବାର କ୍ଷମତା ରହିଛି। ତାଙ୍କୁ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ବାଧ କରାଯାଇ ପାରିବ ନାହିଁ।

୩୮.୬ ଚାରିତ୍ରିକ ଯାଞ୍ଚ ସମୟରେ ନିଜ ସତ୍ୟପାଠରେ ଯଦି ପ୍ରାର୍ଥୀ ତାଙ୍କର କୌଣସି ସାମାନ୍ୟ/ତୁଚ୍ଛ ଅପରାଧିକ ମାମଲା ବିଚାରଧିନ ରହିଥିବା ସମ୍ବନ୍ଧରେ ସ୍ୱୀକାର କରିଥାନ୍ତି, ତେବେ ଘଟଣାର ତଥ୍ୟ ଓ ପରିସ୍ଥିତିକୁ ବିବେଚନା କରି ମାମଲାର ନିଷ୍ପତ୍ତି ଅନୁଯାୟୀ କର୍ମନିଯୁକ୍ତି ଦାତା ନିଯୁକ୍ତି ଦେଇପାରନ୍ତି।

୩୮.୭ ଯଦି ଏକାଧିକ ବିଚାରାଧିନ ମାମଲାରେ ସଂପୃକ୍ତ ଥିବା ସମ୍ବନ୍ଧରେ ଜାଣିଶୁଣି ସୁଚିନ୍ତିତ ଉପାୟରେ ତଥ୍ୟ ଲୁଚା ଯାଇଥାଏ, ତେବେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଏହି କାରଣରୁ ନିଯୁକ୍ତିଦାତା ପ୍ରାର୍ଥୀତ୍ୱ ନାକଚ କରିବାକୁ ବା କାର୍ଯ୍ୟରୁ ବହିଷ୍କାର କରିବାକୁ ଯଥାର୍ଥ ଆଦେଶ ଦେଇପାରିବେ କାରଣ ଯେଉଁ ବ୍ୟକ୍ତି ବିରୁଦ୍ଧରେ ଏକାଧିକ ବିଚାରଧିନ ମାମଲା ରହିଛି, ତାହାକୁ ନିଯୁକ୍ତି ଦେବା ଆଦୌ ସମୀଚୀନ ନୁହେଁ।

୩୮.୮ ଯଦି ପ୍ରାର୍ଥୀଙ୍କୁ କୋଣସି ଅପରାଧିକ ମାମଲା ବିଚାରଧିନ ରହିବା କଥା ଫର୍ମ ପୂରଣ ସମୟରେ ଜଣା ନ ଥିଲେ ମଧ ଏହାର ଏକ ପ୍ରତିକୂଳ ପ୍ରଭାବ ରହିବ ଏବଂ ନିଯୁକ୍ତି କର୍ତ୍ତୃପକ୍ଷ ଅପରାଧର ଗମ୍ଭୀରତାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ଗ୍ରହଣ କରିବେ।

୩୮.୯ କର୍ମଚାରୀର ଚାକିରୀର ନିଶ୍ଚିତୀକରଣ/(ସ୍ଥାୟୀ) ହୋଇଯାଇଥିବା କ୍ଷେତ୍ରରେ ଯାଞ୍ଚ ଫର୍ମ (କାଗଜ)ରେ ମିଥ୍ୟା ତଥ୍ୟ ଦେବା ବା ତଥ୍ୟ ଦବାଇବା କାରଣ ଯୋଗୁଁ କର୍ମ ସମାପ୍ତି ବା କର୍ମରୁ ଅପସାରଣ ବା କାର୍ଯ୍ୟରୁ ବହିଷ୍କାର କରିବା ଆଦେଶ ଦେବା ପୂର୍ବରୁ ବିଭାଗୀୟ ଅନୁସନ୍ଧାନ ନିହାତି ଆବଶ୍ୟକ।

୩୮.୧୦ ତଥ୍ୟକୁ ଦବାଯାଇଥିବା ବା ସତ୍ୟପାଠରେ/ଯାଞ୍ଚ ଫର୍ମ (କାଗଜ)ରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନିଷ୍ପତ୍ତିର ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ ଦର୍ଶାଯିବା ଉଚିତ୍ ନା କି ଅସ୍ପଷ୍ଟ। କେବଳ ସୂଚିତଯୋଗ୍ୟ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରକାଶିତ କରାଯିବ। ନିଯୁକ୍ତି ଯୋଗ୍ୟତା ବିବେଚନା ସମୟରେ ଯଦି ନିଯୁକ୍ତିଦାତା ଜାଣିପାରିଲେ ଯେ କୌଣସି ତଥ୍ୟ/ସୂଚନା ଯଦିଓ ମଗାଯାଇନାହିଁ କିନ୍ତୁ ଏହା ପ୍ରାସଙ୍ଗିକ ବା ବିଷୟ ସଙ୍ଗତ ତେବେ ଏହାକୁ ସୂକ୍ଷ୍ମ ବିଚାରକୁ ନେଇ ନିଯୁକ୍ତି ବିଷୟରେ ସିଦ୍ଧାନ୍ତ ନେବେ। ଯାହାହେଉ ମଗା ହୋଇ ନ ଥିବା ତଥ୍ୟକୁ ଦବାଇବା ବା ମିଥ୍ୟା ତଥ୍ୟ/ସୂଚନା ଦେବା ପରିସ୍ଥିତିରେ କୌଣସି କାର୍ଯ୍ୟାନୁଷ୍ଠାନ ବ୍ୟକ୍ତି ବିରୁଦ୍ଧରେ ନିଆଯାଇପାରିବ ନାହିଁ।

୩୮.୧୧ କୌଣସି ବ୍ୟକ୍ତିକୁ ସତ୍ୟ ଦବାଇବା ବା ମିଛ ତଥ୍ୟ ଦେବା ଅବରାଧରେ ଦୋଷଯୁକ୍ତ କରିବା ପୁର୍ବରୁ ପ୍ରକୃତ ସତ୍ୟାସତ୍ୟ ଜାଣି ତାକୁ ଦାୟୀ କରାଯିବା ବିଧେୟ।

୭. ପ୍ରତିବାଦୀ ରାଜ୍ୟ ପୋଲିସ୍ ସେବାରେ ସରକାରୀ ଚାକିରୀ ଅନ୍ବେଷଣ କରୁଥିଲେ। ସେବାରେ ନିଯୁକ୍ତ ହେଲେ ଆଇନର ରକ୍ଷଣାବେକ୍ଷଣ ଓ ଫଳସ୍ୱରୂପ ନାଗରିକମାନଙ୍କର

ବ୍ୟକ୍ତିଗତ ସ୍ୱାଧିନତା ରକ୍ଷାକରିବା ଭଳି ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟମାନ ସମ୍ପାଦନ କରିବାକୁ ହେବ। ଏଣୁ ଏପରି ଏକ ଦାୟିତ୍ୱସଂପନ୍ନ ପଦବୀପାଇଁ ଆବେଦନ କରିଥିବା ପ୍ରାର୍ଥୀ ତାର ପୂର୍ବର ଆବଶ୍ୟକୀୟ ବ୍ୟକ୍ତିଗତ ସୂଚନା ଦେବା କ୍ଷେତ୍ରରେ ପୂର୍ଣ୍ଣ ସଚ୍ଚୋଟ ହେବାର ଆଶପୋଷଣ ତାର ବ୍ୟକ୍ତିତ୍ୱ ଓ ଚାରିତ୍ରିକ ମୂଲ୍ୟାଙ୍କନର ଯଥାର୍ଥ ଆଧାର ଅଟେ। ଯେକୌଣସ ନିଯୁକ୍ତି ଅଧିକାରୀ ନିଶ୍ଚିତରୂପେ ଏପରି ଧାରଣାରେ ଉପନୀତ ହେବେ ଯେ ନିଜ ସମ୍ବନ୍ଧରେ କୌଣସି ତଥ୍ୟ ଲୁଚାଇଥିବା ବ୍ୟକ୍ତି ଚାକିରୀରେ ଯୋଗ ଦେବା ପାଇଁ ଅଯୋଗ୍ୟ ଅଟେ।

୮. ବର୍ତ୍ତମାନ କ୍ଷେତ୍ରରେ, ପ୍ରତିବାଦୀ ବିପକ୍ଷରେ ଅଣାଯାଇଥିବା ମାମଲାଟି ତୁଚ୍ଛ ବା ସାମାନ୍ୟ ପ୍ରକୃତିର ବୋଲି ଧରାଯାଇ ପାରିବ ନାହିଁ। ଏହା ଛଡ଼ା, ଏହା ସ୍ପଷ୍ଟ ଯେ, ପ୍ରତିବାଦୀ ପୂର୍ବରେ ଅପରାଧିକ ମାମଲାରେ ଜଡ଼ିତ ଥିବା ଘଟଣାକୁ କର୍ତ୍ତୃପକ୍ଷଙ୍କ ଠାରୁ ଲୁଚାଇ ରଖି ରାଜ୍ୟ ପୋଲିସ୍ ସେବାର କନେଷ୍ଟବଳ ପଦବୀ ପାଇଁ ଆବେଦନ କରିଥିଲେ। କାର୍ଯ୍ୟାନ୍ତର ଆଦେଶ ବହୁ ପରେ ଦୁଇପକ୍ଷଙ୍କ ମଧରେ ଆପୋଷ ବୁଝାମଣାର ଆଧାରରେ ମାମଲାଟି ସି.ଆର୍.ପି.ସି. ର ଧାରା ୪୮୨ ବଳରେ ରଦ୍ଦହୋଇଥିଲା। ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ମତ ସ୍ପଷ୍ଟରୂପେ ଅପୋଷଣୀୟ/ଅଗ୍ରହଣୀୟ। ଟ୍ରାବ୍ୟୁନାଲ୍ ଦ୍ୱାରା ତାହାର ଦରଖାସ୍ତ ନାକଚ କରିବା ଯଥାର୍ଥ ହୋଇଛି।

୯. ତେଣୁ ଆମ୍ଭେ ଯଥାରୀତି ଏହି ଅପିଲ୍‌କୁ ଗ୍ରହଣ କରୁଛୁ ଏବଂ ଉଚ୍ଚ ନ୍ୟାୟାଳୟର ତା୨୯ ମାର୍ଚ୍ଚ ୨୦୧୮ ରିଖର ରାୟ ଓ ଆଦେଶନାମାକୁ ରଦ୍ଦ କରୁଛୁ। ଟ୍ରାବ୍ୟୁନାଲ୍‌ର ଆଦେଶନାମାକୁ ରକ୍ଷା କରି ଆମ୍ଭେ ରାୟ ଦେଉଛୁ ଯେ ପ୍ରତିବାଦୀ ଦ୍ୱାରା ଦାଖଲ

ହୋଇଥିବା ଓ.ଏ. କୁ ଖାରଜ କରାଯିବ। ଅର୍ଥ/ଖର୍ଚ୍ଚ ସମ୍ବନ୍ଧରେ କୋଣସି ଆଦେଶ ଦିଆଯିବ ନାହିଁ।

ନୂଆଦିଲ୍ଲୀ — ଡ଼ଃ ଧନଞ୍ଜୟ୍ ୱାଇ ଚନ୍ଦ୍ରଚୂଡ଼

ଜାନୁୟାରୀ ୩୧. ୨୦୨୦ — କେ.ଏମ୍. ଜୋସେଫ୍

# ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"